**ଗ୍ରାମୀଣ କୃଷି ମୌସୁମୀ ସେବା**

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ୍ୈଷୟିକ ଫିଶ୍ୱଫିଦୟା□ୟ

ଭୁବନେଶ୍ୱର, ଓଡ଼ିଶା

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 10-03-2026**

**ଖୋର୍ଦ୍ଧା(ଓଡିଶା) - :2026-03-10 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2026-03-11 | 2026-03-12 | 2026-03-13 | 2026-03-14 | 2026-03-15 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 33.0 | 34.0 | 35.0 | 35.0 | 34.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 23.0 | 22.0 | 22.0 | 21.0 | 21.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 90 | 89 | 91 | 90 | 90 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 35 | 33 | 34 | 41 | 38 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 8 | 11 | 12 | 16 | 15 |
| ପବନର ଦିଗ (ଡିଗ୍ରୀ) | 90 | 200 | 194 | 196 | 205 |
| ମେଘାଚ୍ଛନ (ଅକ୍ଟା) | 2 | 2 | 1 | 1 | 0 |
| ସତର୍କବାଣୀ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗ ର ପୂର୍ବନୁମାନ ଅନୁସାରେ, ଜିଲ୍ଲାରେ ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ପରିଷ୍କାର ରୁ ମୁଖ୍ୟତଃ ପରିଷ୍କାର ରହିବାର ସମ୍ଭାବନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପବନ ୦୮ – ୧୬ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୩୩ - ୩୫ °C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୧ - ୨୩ °C ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

| |
|---|
| କୌଣସି ଚେତାବନୀ ନାହିଁ । |

### ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଳିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| ନାହିଁ |

### ସାଧାରଣ ଉପଦେଶ:

| |
|---|
| □ ପାକଳ ହୋଇଯାଇଥିବା ଶସ୍ୟ ଓ ତୈଳ ଜାତୀୟ ଫସଲକୁ ଅମଳ କରିଦିଅନ୍ତୁ ଏବଂ ମଞ୍ଜି ଅମଳ ପରେ ତାହାକୁ ଦୁଇ ରୁ ତିନି ଦିନ ଖରାରେ ଶୁଖାଇ ସୁରକ୍ଷିତ ସ୍ଥାନରେ ରଖନ୍ତୁ । □ ବର୍ତମାନ ସମୟରେ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଚାଷୀ ଭାଇ ମାନେ ପନିପରିବାରେ ବାରମ୍ବାର ଜଳ ସେଚନ କରନ୍ତୁ । □ ଫଳ ବଗିଚା ରେ ମାଟି ରୁ ଆଚ୍ଛାଦିକରଣ ବ୍ୟବସ୍ଥା କରନ୍ତୁ । □ ପନିପରିବା ଚାରା କୁ ଅଧିକ ତାପମାତ୍ରା ରୁ ରକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ଲଗାନ୍ତୁ । □ ଯଦି ଧାନ ରେ ବକାନି ରୋଗ ଦେଖାଯାଏ, ତେବେ ଶୁଖିଲା ପାଗ ଦେଖି ୧ ଲିଟର ପାଣିରେ ୧ ଗ୍ରାମ Carbendazim ୫୦ WP ମିଶାଇ ସିଂଚନ କରନ୍ତୁ । ୭ ରୁ ୧୦ ଦିନ ବ୍ୟବଧାନରେ ଆଉଥରେ ପ୍ରୟୋଗ କରନ୍ତୁ । □ ବର୍ତ୍ତମାନ ଦିନର ତାପମାତ୍ରା ବଢିବାର ସମ୍ଭାବନା ଥିବାରୁ ମୁଖ୍ୟ କିଆରୀରେ କାଣ୍ଡବିନ୍ଧା ପୋକର ପ୍ରଜାପତି ଅଣ୍ଡା ଦେବା ଆରମ୍ଭ କରିବେ I ତେଣୁ ପୋକ ସର୍ବେକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୫ ଗୋଟି ଫେରୋମନ ଯନ୍ତା ବସାନ୍ତୁ I □ ସୋରିଷ ଗଛରେ ଛୁଇଁ ଗୁଡିକ ହଳଦିଆ ବାଦାମି ରଙ୍ଗର ହୋଇ ପତ୍ର ଝଡିବା ଅବସ୍ଥା ରେ ସକାଳ ସମୟ ରେ ଗଛ କାଟନ୍ତୁ । ଡେରିରେ ଅମଳ କଲେ ମଞ୍ଜି ଗୁଡିକ ଝଡି ପଡିବାର ସମ୍ଭାବନା ରହିଥାଏ। ଗଛ କାଟି ସାରିବା ପରେ ବିଡା ବାନ୍ଧି ୫-୬ ଦିନ ଟାଣ ଖରା ରେ ଶୁଖାଇ ଅମଳ କରନ୍ତୁ। ଅମଳ କରି ସାରିବା ପରେ ମଞ୍ଜି ଗୁଡିକୁ ସାଇତି ରଖିବା ପାଇଁ ଭଲ ଭାବରେ ଖରା ରେ ଶୁଖାଇ ଜଳୀୟ ଅଂଶ ୮ ଶତକଡା ରଖନ୍ତୁ । □ ଆଳୁ ଲଗାଇବାର ୭୫-୮୫ ଦିନ ପରେ ଏହାକୁ ଅମଳ କରି ଦିଅନ୍ତୁ । ଆହୁରି ଯେମିତି ଧ୍ୟାନ ଦେବେ ଜମି ରେ ଅଧିକାଂଶ ପତ୍ର ଗୁଡିକ ହଳଦିଆ ରୁ ବାଦାମି ରଙ୍ଗ ହେଇଯାଇଥିବ । ଅମଳ କରିବାର ୧୫ ଦିନ ପୂର୍ବରୁ ଜଳସେଚନ କୁ ବନ୍ଦ କରି ଦିଅନ୍ତୁ । ସମସ୍ତ ଅମଳ କରା ଯାଇଥିବା ଆଳୁ କୁ ଛାଇ ରେ ୨୪ ଘଣ୍ଟା ପାଇଁ ରଖନ୍ତୁ । ସମସ୍ତ କ୍ଷତିଗ୍ରସ୍ତ ଏବଂ ପଚା ଆଳୁକୁ ଅଲଗା କରି ଦିଅନ୍ତୁ । |

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| □ ଫଳ ବଗିଚା ରେ ମାଟି ରୁ ଆଚ୍ଛାଦିକରଣ ବ୍ୟବସ୍ଥା କରନ୍ତୁ । |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | □ ମହିଷା ରୋଗ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ମଧ୍ୟରେ ବୃଦ୍ଧି ପାଉଥିବା ତାରତମ୍ୟ ମହିଷା ରୋଗର କାରଣ ହୋଇପାରେ । ଧାନ ଫସଲରେ ମହିଷା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Azoxystrobin ଓ Difenoconazole ର ମିଳିତ ଫିମ୍ପିନାଶକ କିମ୍ବା ୮୦ ଗ୍ରାମ Tebuconazole ଓ Trifloxystrobin ର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ଆଖୁ | □ ସାର ପରିଚାଳନା ଆଖୁ ବିହନ ଲଗେଇବାର ୪୫ ଓ ୭୫ ଦିନ ବେଳକୁ ଏକର ପ୍ରତି ୬୦-କିଲୋଗ୍ରାମ ହିସାବରେ ୟୁରିୟା ସାର ପ୍ରୟୋଗ କରନ୍ତୁ। ବିହନ ଲଗେଇବାର ୧୦୫ ଦିନ ବେଳକୁ ଆଉ ଥରେ ଏକର ପ୍ରତି ୬୦- କିଲୋଗ୍ରାମ ୟୁରିୟା ସାର ସହିତ ୨୦-କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ। ଆଖୁ ଲଗେଇବାର ୧୨୦-ଦିନ ପରେ ଯବକ୍ଷାରଯାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ ନଚେତ ଅମଳ ବିଳମ୍ବ ହେବା ସହିତ ଶର୍କରା ଅଂଶ କମିଯାଏ ଏବଂ ଅମଳ ହ୍ରାସ ପାଇଥାଏ। |
| ବାଦାମ | □ ଶୋଷକ ପୋକ ବାୟୁମଣ୍ଡଳ ର ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ଚିନାବାଦାମ ଫସଲରେ ଶୋଷକ ପୋକ ଯଥା ଜଉ ଓ ପତ୍ର ଉକୁଣି ପୋକ ର ପ୍ରାଦୁର୍ଭାବ ଦେଖାଯିବାର ସମ୍ଭାବନା ରହିଛି । ଚିନାବାଦାମ ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ଓ ପତ୍ର ଉକୁଣି ପୋକ ର ଆକ୍ରମଣ କମ ଦେଖା ଦେଉଥିଲେ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦ଲିଟର |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ପାଣିରେ ମିଶାଇ ସିଂଚନ କରନ୍ତୁ। ପୋକ ର ଆକ୍ରମଣ ଅଧିକ ଦେଖା ଦେଲେ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା 50 -ମିଲି Imidacloprid ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଆଳୁ | □ ମୃତିକ ଓ କିସମ ଅନୁଯାଇ ଆଳୁ ରୋଇବାର ୭୫ ରୁ ୮୫ ଦିନ ପରେ ଅମଳ ପାଇଁ ଉପଯୋଗୀ ହୋଇଥାଏ । ଅମଳ ର ୧୫ ଦିନ ପୂର୍ବ ରୁ ଜଳ ସେଚନ କୁ ବନ୍ଦ କରି ଦିଅନ୍ତୁ । ଅମଳ ପରେ ୨୪ ଘଣ୍ଟା ଆଳୁ କୁ ଛାଇ ରେ ଶୁଖାନ୍ତୁ । କ୍ଷତିଗ୍ରସ୍ତ ଓ ପଚି ନଷ୍ଟ ହୋଇଯାଇଥିବା ଆଳୁ କୁ ବାହାର କରି ଦିଅନ୍ତୁ । |
| କଲରା | □ ବର୍ତମାନ ସମୟ ରେ କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡି, କଲରା, ତରଭୁଜ ଆଦି ଫସଲ ରେ ନାଲି କଖାରୁ ପୋକ ଲାଗିବାର ସମ୍ଭାବନା ରହିଛି । ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ Cyantraniliprole କିମ୍ବା ୬୦ମିଲି Imidacloprid କିମ୍ବା ୪୦୦ ମିଲି Chlorpyriphos ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ଯେଗାସି ନାସ୍ଥୀ | □ ଫଳ ସଢା ରୋଗ ଓ ଅଗମରା ରୋଗ ଲଙ୍କାମରିଚ ଫସଲ ରେ ବର୍ତମାନ ସମୟ ରେ ଫଳ ସଢା ରୋଗ ଓ ଅଗମରା ରୋଗ ଲାଗିବାର ସମ୍ଭାବନା ରହିଛି। ପରିଚାଳନା ପାଇଁ ଏକର ପ୍ରତି ୫୦୦ ଗ୍ରାମ Propineb ନାମକ ଫିମ୍ପିନାଶକ ୧୦୦ ମିଲି Difenoconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Azoxystrobin ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପିନାଶକ କୁ ଫୁଲକଢ ଆସିବା ପୂର୍ବରୁ ଥରେ ଓ ଫଳ ଆସିବା ସମୟରେ ଥରେ ଅନୁମୋଦିତ ମାତ୍ରାରେ ସିଂଚନ କରନ୍ତୁ । |
| ଲଙ୍କା | □ ଫଳ ସଢା ରୋଗ ଓ ଅଗମରା ରୋଗ ଲଙ୍କାମରିଚ ଫସଲ ରେ ବର୍ତମାନ ସମୟ ରେ ଫଳ ସଢା ରୋଗ ଓ ଅଗମରା ରୋଗ ଲାଗିବାର ସମ୍ଭାବନା ରହିଛି। ପରିଚାଳନା ପାଇଁ ଏକର ପ୍ରତି ୫୦୦ ଗ୍ରାମ Propineb ନାମକ ଫିମ୍ପିନାଶକ ୧୦୦ ମିଲି Difenoconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Azoxystrobin ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପିନାଶକ କୁ ଫୁଲକଢ ଆସିବା ପୂର୍ବରୁ ଥରେ ଓ ଫଳ ଆସିବା ସମୟରେ ଥରେ ଅନୁମୋଦିତ ମାତ୍ରାରେ ସିଂଚନ କରନ୍ତୁ । |
| କଦଳୀ | □ ବର୍ତମାନ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି କଦଳୀ ବଗିଚାରେ ଜଳ ସେଚନ କରନ୍ତୁ ଓ ଗଛ ମୂଳ କୁ ଶୁଖିଲା ପତ୍ର ଦ୍ୱାରା ଆଚ୍ଛାଦିକରଣ କରନ୍ତୁ । ବଢୁଥିବା କଦଳୀ କାନ୍ଦିକୁ କଦଳୀ ପତ୍ରରେ ଘୋଡାଇ ରଖନ୍ତୁ । |
| ଆମ୍ବ | □ ଆମ୍ବ ଡାହାଣୀ ପୋକ: ବର୍ତ୍ତମାନ୍ ପାଗରେ ଏହି ପୋକ ଦୃତ ଗତିରେ ବଂଶ ବିସ୍ତାର କରିଥାଏ। ପ୍ରାଥମିକ ଅବସ୍ଥାରେ ନିୟନ୍ତ୍ରଣ ପାଇଁ ଆଯାଡିରକ୍ଟିନ ୦.୦୩% (୩୦୦ ପିପିଏମ୍) କୁ ଏକ ଲିଟର ପାଣିରେ ୫ ମିଲିଗ୍ରାମ ହିସାବରେ ମିଶ୍ରଣ କରି ସିଞ୍ଚନ କରନ୍ତୁ। ଯଦି ପେଛା ପିଛା ୪ ରୁ ଅଧିକ ଡାହାଣୀ ପୋକ ଦେଖା ଯାଆନ୍ତି ତେବେ ନିୟନ୍ତ୍ରଣ ପାଇଁ ଡ୍ରମ୍ ପିଛା (୧୫ ଲିଟର ପାଣିରେ) ୪ ମିଲିଗ୍ରାମ ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ.ଏଲ କିମ୍ବା ୩ ଗ୍ରାମ ଥାୟାମିଥୋକ୍ସଯାମ୍-୨୫% ଡବ୍ଲୁ.ଜି କିମ୍ବା ୧୦ ମିଲି ଡାଇମିଥୋଏଟ୍ ୩୦% ଇସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ । |
| | □ ନାଲି ବୁଢିଆଣୀ ଅଷ୍ଟପଦୀ ଗୋଲାପ ଗଛ ରେ ନାଲି ବୁଢିଆଣୀ ଅଷ୍ଟପଦୀର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ sulphur ସେଚିତ ଗୁଣ୍ଡ କିମ୍ବା ୨ ମିଲି Propargite ନାମକ କୀଟନାଶକ କିମ୍ବା ୨ ମିଲି Fenpyroximate ନାମକ କୀଟନାଶକ, ମିଶାଇ ସିଂଚନ କରନ୍ତୁ। |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଚିଚକ | □ ବସନ୍ତ ରୋଗ ବସନ୍ତ ରୋଗ ପର୍ଯ୍ୟାୟ ଟୀକାକରଣ ଏବଂ ଘର ଓ ପରବେଶ ସଫା ସୁତୁରା ରଖିବା ଦ୍ୱାରା ରୋକାଯାଇପାରିବ । କ୍ଷତ ଓ କୀଟ ମାନଙ୍କ କାମୁଡା ଦ୍ୱାରା ଏହି ରୋଗ ଗୋଟେ ପକ୍ଷୀ ରୁ ଅନ୍ୟଟି କୁ ବ୍ୟାପିଥାଏ । ଏହି ରୋଗ କାରଣ ରୁ ୫୦ ପ୍ରତିଶତ |

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
| --- | --- |
| | ଲେଖାଏଁ ଚିଆଁ ମାନେ ମୃତ୍ୟୁ ବରଣ କରିଥାନ୍ତି । ଏହି ରୋଗ କାରଣ ରୁ ଓଜନ ବୃଦ୍ଧି ହାର କମିବା ସହିତ ଅଣ୍ଡା ଦେବା ମାତ୍ରା ମଧ ହ୍ରାସ ପାଇଥାଏ । ତେଣୁ ଆପଣଙ୍କର ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଙ୍କ ସହିତ ପରାମର୍ଶ କରିବା ପରେ ୬ ସପ୍ତାହ ରୁ ୧୬ ସପ୍ତାହ ବୟସରେ କୁକୁଡ଼ା ଓ ବତକଙ୍କୁ ଟୀକା ଦିଅନ୍ତୁ । ଆକ୍ରାନ୍ତିତ କୁକୁଡା ଓ ବତକଙ୍କ ମୁଣ୍ଡ, ବେକ ଓ ଦେହ ରେ ଫଟକା ଦେଖାଯାଏ । ଏ ଲକ୍ଷଣ ଦେଖା ଦେଲେ ଆକ୍ରାନ୍ତିତ ପ୍ରାଣୀଙ୍କୁ ଅଲଗା ରଖନ୍ତୁ, ସ୍ଥାନୀୟ ପ୍ରାଣୀଚିକିତ୍ସକ ଙ୍କ ସହିତ ପରାମର୍ଶ କରି ତୁରନ୍ତ ଚିକିତ୍ସା ଆରମ୍ଭ କରିଦିଅନ୍ତୁ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
| --- |
| କୌଣସି ଚେତାବନୀ ନାହିଁ । |

## ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

| |
| --- |
| ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**